# ୧୬

# ସ୍ଥାନୀୟ ସରକାର : ସହରାଞ୍ଚଳ ଓ ଗ୍ରାମାଞ୍ଚଳ

ତୁମର ଦୈନନ୍ଦିନ ଜୀବନରେ ତୁମେ ସବୁ ବିଭିନ୍ନ ମୌଳିକ ସୁବିଧା ଯଥା ଜଳଯୋଗାଣ, ଜଳ ନିଷ୍କାସନ, ଆବର୍ଜନା ସଫା, ଜନସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଆଦି ଆବଶ୍ୟକ କରୁଥିବ । ତୁମେ ସବୁ ମଧ୍ୟ ଲକ୍ଷ୍ୟ କରିଥିବ ଯେ କିପରି ରାସ୍ତାରେ ବିଜୁଳି ଆଲୋକ ଖଞ୍ଜା ଯାଉଛି ଓ ମରାମତି କରାଯାଉଛି, ରାସ୍ତା ନିର୍ମାଣ ଓ ମରାମତି ହେଉଛି ବା ଗ୍ରାମ୍ୟ ପୁଷ୍କରିଣୀ ପୁନରୁଦ୍ଧାର ହେଉଛି । ଏସବୁ କାର୍ଯ୍ୟ ସମ୍ପାଦନ କିଏ କରୁଛନ୍ତି ? ଯଦିଓ ତୁମ ମନକୁ ହଠାତ୍ ଉତ୍ତର ଆସିବ ଯେ ଏହା କେନ୍ଦ୍ର ବା ରାଜ୍ୟ ସରକାର କରୁଛନ୍ତି, ତାହା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ବାସ୍ତବରେ ଏହା ସ୍ଥାନୀୟ ସରକାର ଯାହାକୁ ତୁମେ ନିଜ ସହିତ ସଂଯୋଗ କରିପାରିବ ।

ଏହି ପାଠ୍ୟକ୍ରମରେ ତୁମେ ବିଭିନ୍ନ ସ୍ତରରେ ଥିବା ସ୍ଥାନୀୟ ସରକାର ସମ୍ବନ୍ଧରେ ଅଧ୍ୟୟନ କରିବ ।

## ଉଦ୍ଦେଶ୍ୟ

ଏହି ପାଠ୍ୟକ୍ରମଟି ଅଧ୍ୟୟନ କଲାପରେ ତୁମେ

- ଜାଣିପାରିବ ଯେ ଉଭୟ ଗ୍ରମାଞ୍ଚଳ ଓ ସହରାଞ୍ଚଳରେ ସ୍ଥାନୀୟ ସରକାର କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ;
- ୭୩ ଓ ୭୪ତମ ସମ୍ବିଧାନ ସଂଶୋଧନଗୁଡ଼ିକର ପ୍ରମୁଖ ବୈଶିଷ୍ଟ୍ୟ ବର୍ଣ୍ଣନା କରିପାରିବ;
- ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ଥାନୀୟ ସରକାରଙ୍କର ଗଠନ ଓ କାର୍ଯ୍ୟ ବର୍ଣ୍ଣନା କରିପାରିବ;
- ସ୍ଥାନୀୟ ସରକାରମାନଙ୍କର ଆର୍ଥିକ ସମ୍ବଳଗୁଡ଼ିକ ଚିହ୍ନଟ କରିପାରିବ ;
- ସ୍ଥାନୀୟ ସରକାରମାନଙ୍କର କାର୍ଯ୍ୟଗୁଡ଼ିକ ବୁଝାଇ ପାରିବ ; ଓ
- ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ (ତୃଣମୂଳ ଗଣତନ୍ତ୍ର) ବ୍ୟବସ୍ଥାରେ ପଞ୍ଚାୟତରାଜ ସଂସ୍ଥାଗୁଡ଼ିକର କାର୍ଯ୍ୟବିଧି ଆକଳନ କରିପାରିବ ।

## ୧୬.୧ ସହରାଞ୍ଚଳ ସ୍ଥାନୀୟ ସରକାର

ଆମ ଛୋଟ ଓ ବଡ଼ ସହରାଞ୍ଚଳରେ ଆମେ ସ୍ଥାନୀୟ ସରକାର ଯଥା ନଗରପାଳିକା ଓ ମହାନଗର ନିଗମ ଦେଖିବାକୁ ପାଇଥାଉ । ସହରାଞ୍ଚଳ ସାଧାରଣତଃ ଏକ ସ୍ଥାନ ଯେଉଁଠି ସ୍ୱଳ୍ପ ଅଞ୍ଚଳ ମଧ୍ୟରେ ବହୁତ ଜନବସତି ଦେଖାଯାଏ । ଏ କ୍ଷେତ୍ରରେ ବିଭିନ୍ନ ମୌଳିକ ନାଗରିକ ସୁବିଧା ଯଥା ଜଳ ଯୋଗାଣ, ନିଷ୍କାସନ ବ୍ୟବସ୍ଥା, ଆବର୍ଜନା ସଫା, ଜନସ୍ୱାସ୍ଥ୍ୟ, ପ୍ରାଥମିକ ଶିକ୍ଷା ପରିମଳ ବ୍ୟବସ୍ଥା, ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ ଆଦି ଯୋଗାଇବା ପାଇଁ ଏକ ପୌର ପ୍ରଶାସନ ନିହାତି ଆବଶ୍ୟକ । ସ୍ଥାନୀୟ କ୍ଷେତ୍ରରେ ଗଣତାନ୍ତ୍ରିକ ସରକାର ହୋଇଥିବାରୁ ପୌର ଅନୁଷ୍ଠାନଗୁଡ଼ିକ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ଓ ଜନସାଧାରଣଙ୍କ





ଠାରୁ କର, ଦେୟ ଓ ଜରିମାନା ସଂଗ୍ରହ କରିଥାନ୍ତି । ବିଭିନ୍ନ ପ୍ରକାର କୋଠାବାଡ଼ି, ରାସ୍ତା ସଂଯୋଗ ଓ ଆବର୍ଜନା ସଫା ଆଦି କାର୍ଯ୍ୟ ସଂକ୍ରାନ୍ତରେ ଆଇନ ପ୍ରଣୟନ କରି ପୌରପାଳିକା ସହରୀ ଜୀବନକୁ ନିୟନ୍ତ୍ରଣ କରିଥାନ୍ତି । ସେମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ଯଥା ମହିଳା ଓ ଶିଶୁ ବିକାଶ, ବସ୍ତି ଉନ୍ନୟନ ଇତ୍ୟାଦି ସମ୍ପାଦିତ ହୋଇଥାଏ ଭାଗିଦାରୀ ସହରାଞ୍ଚଳ ବିକାଶ ଓ ନାଗରିକ ସୁବିଧାଗୁଡ଼ିକର ସ୍ଥାନୀୟ ପରିଚାଳନା ଆଦି କାର୍ଯ୍ୟ ସହରାଞ୍ଚଳର ସ୍ଥାନୀୟ ସରକାରଙ୍କଦ୍ୱାରା ସମ୍ଭବ ହୋଇପାରିଛି ।

## ୧୬.୨. ୭୪ ତମ ସମ୍ବିଧାନ ସଂଶୋଧନ ଦ୍ୱାରା ଆରମ୍ଭ ହୋଇଥିବା ସଂସ୍କାର

ପୌର ସଂସ୍ଥାଗୁଡ଼ିକର ଉନ୍ନତି ପାଇଁ କେନ୍ଦ୍ର ସରକାର ବେଳକୁ ବେଳ ବିଭିନ୍ନ ଆୟୋଗ ସବୁ ନିଯୁକ୍ତ କରିଛନ୍ତି । ସେହି ଆୟୋଗ ସବୁ ନିଜ ନିଜର ମତାମତ ଓ ସୁପାରିଶ ଦେଉଛନ୍ତି ଓ ଯାହାର ଫଳ ସ୍ୱରୂପ ୭୪ତମ ସମ୍ବିଧାନ ସଂଶୋଧନ ଆଇନ ୧୯୯୨ ପାରିତ ହୋଇଛି । ପୂର୍ବରୁ ରାଜ୍ୟ ସରକାରଙ୍କ ଇଚ୍ଛା ଅନୁସାରେ ପୌର ସଂସ୍ଥାଗୁଡ଼ିକ ପରିଚାଳିତ ହେଉଥିଲା । ଏହି ସମ୍ବିଧାନ ସଂଶୋଧନ ଦ୍ୱାରା ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ଗଠନ, କାର୍ଯ୍ୟ ଓ ସଶକ୍ତିକରଣ ବ୍ୟବସ୍ଥାକୁ ସାମ୍ବିଧାନିକ ମର୍ଯ୍ୟାଦା ମିଳିଛି । ୭୪ତମ ସମ୍ବିଧାନ ସଂଶୋଧନର ମୁଖ୍ୟ ବ୍ୟବସ୍ଥାଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା, ବାଧ୍ୟତାମୂଳକ ଓ ଇଚ୍ଛାଧୀନ ଭାଗ । ରାଜ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ କେତେକ ବାଧ୍ୟତାମୂଳକ ବ୍ୟବସ୍ଥା ହେଲା :

(i) କ୍ଷୁଦ୍ର, ବୃହତ ଓ ଅତି ବୃହତ, ସହରାଞ୍ଚଳଗୁଡ଼ିକର ଯଥାକ୍ରମେ ନଗର ପଞ୍ଚାୟତ, ପୌର ପରିଷଦ ଓ ମହାନଗର ନିଗମ ଗଠନ ;

(ii) ଅନୁସୂଚିତ ଜାତି / ଅନସୂଚିତ ଜନଜାତି ବର୍ଗପାଇଁ ପୌର ସଂସ୍ଥାଗୁଡ଼ିକର ଜନସଂଖ୍ୟା ଅନୁପାତରେ ସ୍ଥାନ ସଂରକ୍ଷଣ କରାଯିବ ;

(iii) ଅତିକମ୍‌ରେ ଏକ ତୃତୀୟାଂଶ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ ;

(iv) ରାଜ୍ୟ ନିର୍ବାଚନ ଆୟୋଗ ଯାହାକି ପଞ୍ଚାୟତି ରାଜ ସଂସ୍ଥାଗୁଡ଼ିକ ପାଇଁ ନିର୍ବାଚନ କରିବାକୁ ଗଠନ କରାଯାଇଥାଏ (୭୩ତମ ସମ୍ବିଧାନ ସଂଶୋଧନ ଦେଖ); ତାହା ମଧ୍ୟ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ଲାଗି ନିର୍ବାଚନ ଅନୁଷ୍ଠିତ କରେ ;

(v) ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ଆର୍ଥିକ ବ୍ୟାପାର ବୁଝିବା ପାଇଁ ଗଠିତ ରାଜ୍ୟ ଅର୍ଥ ଆୟୋଗ ମଧ୍ୟ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ଆର୍ଥିକ ବ୍ୟାପାର ବୁଝିଥାଏ ;

(vi) ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କର କାର୍ଯ୍ୟକାଳ ପାଞ୍ଚବର୍ଷ । କିନ୍ତୁ କାର୍ଯ୍ୟକାଳ ନପୂରୁଣୁ ସେଗୁଡ଼ିକ ଭଙ୍ଗାଗଲେ ସଦ୍ୟ ନିର୍ବାଚନ ୬ମାସ ମଧ୍ୟରେ ଅନୁଷ୍ଠିତ କରାଯାଏ ;

ପୌରାଞ୍ଚଳ ସ୍ୱାୟତ୍ତ ଶାସନ ନିମିତ୍ତ ୭୪ତମ ସମ୍ବିଧାନ ସଂଶୋଧନ ଅନୁସାରେ ରାଜ୍ୟ ସରକାର କିଛି ଇଚ୍ଛାଧୀନ ପଦକ୍ଷେପ ନେଇପାରିବେ ଯାହା ସେମାନଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ । ସେଗୁଡ଼ିକ ହେଲା :

(i) କେନ୍ଦ୍ର ଓ ରାଜ୍ୟ ବ୍ୟବସ୍ଥାପିକାର ସଦସ୍ୟମାନଙ୍କୁ ପୌରସଂସ୍ଥାମାନଙ୍କରେ ଭୋଟ ଦବା ଅଧିକାର ପ୍ରଦାନ କରିବା ;

(ii) ପଛୁଆ ଶ୍ରେଣୀମାନଙ୍କ ପାଇଁ ସଂରକ୍ଷଣ ସୁବିଧା ଯୋଗାଇ ଦେବା ;

(iii) କର, ଦେୟ ଓ ପଣ୍ୟକର ଇତ୍ୟାଦି ସମ୍ବନ୍ଧୀୟ ଆର୍ଥିକ କ୍ଷମତା ପ୍ରଦାନ କରିବା;

(iv) ପୌରସଂସ୍ଥା ଗୁଡ଼ିକୁ ସ୍ୱୟଂଚାଳିତ କରିବା ଓ ସେଗୁଡ଼ିକୁ କ୍ଷମତା ବିକେନ୍ଦ୍ରୀକରଣ କରିବା । ଯାହାଦ୍ୱାରା ସେଗୁଡ଼ିକ ଦ୍ୱାଦଶ ଅନୁଚସୂଚୀରେ ଲିପିବଦ୍ଧ ଥିବା କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିପାରିବେ ଓ ଆର୍ଥିକ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିପାରିବେ ।

୭୪ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ମହାନଗର ନିଗମ ଓ ପୌରପାଳିକାଗୁଡ଼ିକ ସମସ୍ତ ରାଜ୍ୟରେ ପାଖାପାଖି ସମାନ ଭାବରେ ନିୟନ୍ତ୍ରିତ ହେଉଛନ୍ତି । ମାତ୍ର ଏଠାରେ ତୁମେ ମନେରଖିବ ଯେ, ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ବିଷୟଟି ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ ଅଟେ । ଏହିପରି ୭୩ ଓ ୭୪ତମ ସଂଶୋଧନଗୁଡ଼ିକ ସ୍ଥାନୀୟ ସରକାର ସମ୍ପର୍କରେ ରାଜ୍ୟମାନଙ୍କ ପାଇଁ ଏକ ଢାଞ୍ଚା ଯୋଗାଇ ଦେଇଛନ୍ତି । ସେଥିପାଇଁ ପ୍ରତ୍ୟେକ ରାଜ୍ୟ ନିଜର ନିର୍ବାଚନ ଆୟୋଗ ଗଠନ କରିଛନ୍ତି ଯାହାକି ସମସ୍ତ ସ୍ଥାନୀୟ ସରକାରଗୁଡ଼ିକ ପାଇଁ ନିୟମିତ ଭାବରେ ପ୍ରତି ପାଞ୍ଚବର୍ଷକୁ ଥରେ ନିର୍ବାଚନ ଅନୁଷ୍ଠିତ କରିଥାଏ । ସ୍ଥାନୀୟ ସରକାରଗୁଡ଼ିକର ଆର୍ଥିକ ବିଷୟସବୁ ନିୟନ୍ତ୍ରଣ କରିବା ପାଇଁ ପ୍ରତ୍ୟେକ ରାଜ୍ୟ ନିଜର ଅର୍ଥ ଆୟୋଗ ଗଠନ କରିଛନ୍ତି । ମହାନଗର ନିଗମ ଓ ପୌରପାଳିକାଗୁଡ଼ିକରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଏ । ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସ୍ଥାନୀୟ ସରକାରଗୁଡ଼ିକରେ ଏକ ତୃତୀୟାଂଶ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷଣ କରାଯାଏ ।

## ୧୬.୩ ଗଠନ

ପୌରାଞ୍ଚଳର ଆଞ୍ଚଳିକ ନିର୍ବାଚନ ମଣ୍ଡଳୀଗୁଡ଼ିକରୁ ପ୍ରାର୍ଥୀମାନଙ୍କର ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ପୌରସଂସ୍ଥାଗୁଡ଼ିକ ଗଠିତ ହୋଇଥାଏ । ମାତ୍ର ରାଜ୍ୟ ବ୍ୟବସ୍ଥାପିକା ଚାହିଁଲେ ସ୍ୱତନ୍ତ୍ର ଜ୍ଞାନ ଥିବା ବ୍ୟକ୍ତିମାନଙ୍କୁ କିମ୍ବା ପୌର ପ୍ରଶାସନରେ ଅଭିଜ୍ଞତା ଥିବା ବ୍ୟକ୍ତିବିଶେଷଙ୍କୁ, ରାଜ୍ୟସଭା, ଲୋକସଭା, ବିଧାନ ପରିଷଦ ଓ ବିଧାନ ସଭାର ସଦସ୍ୟମାନଙ୍କୁ (ଯେଉଁମାନଙ୍କ ନିର୍ବାଚନ ମଣ୍ଡଳୀ ଆଂଶିକ ବା ସମ୍ପୂର୍ଣ୍ଣ ଭାବେ ସେହି ପୌରାଞ୍ଚଳ ମଧ୍ୟରେ ଅନ୍ତର୍ଭୁକ୍ତ ଥିବ) ପୌରସଂସ୍ଥାମାନଙ୍କରେ ପ୍ରତିନିଧିତ୍ୱ କରିବାପାଇଁ ଆଇନଦ୍ୱାରା ବ୍ୟବସ୍ଥା କରିପାରିବ ।

୭୪ତମ ସମ୍ବିଧାନ ସଂଶୋଧନର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଲା ସ୍ଥାନ ସଂରକ୍ଷଣ ମାଧ୍ୟମରେ ସମାଜରେ ଥିବା ଦୁର୍ବଳ ଶ୍ରେଣୀ ଓ ମହିଳାମାନଙ୍କୁ ସଶକ୍ତିକରଣ କରିବା । ପୌରସଂସ୍ଥାମାନଙ୍କରେ ମଧ୍ୟ ସଭାପତି ପଦବୀ ସବୁ ଅନୁସୂଚିତ ଜାତି / ଜନଜାତି ଓ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଥାଏ । ଏହିପରି ପାଞ୍ଚବର୍ଷ ମଧ୍ୟରେ ଅତିକମ୍‌ରେ ଗୋଟିଏ ବର୍ଷ ପାଇଁ ଦିଲ୍ଲୀ ମହାନଗର ନିଗମରେ ମେୟର ପଦବୀଟି ମହିଳା ପାଇଁ ଓ ଗୋଟିଏ ବର୍ଷ ଅନୁସୂଚିତ ଜାତିର କାଉନସିଲରଙ୍କ ପାଇଁ ସଂରକ୍ଷିତ ରହିଥାଏ । ଏହି ସମ୍ବିଧାନ ସଂଶୋଧନ ଅନୁଯାୟୀ ପୌରପାଳିକାଗୁଡ଼ିକ ପାଞ୍ଚବର୍ଷ କାର୍ଯ୍ୟକାଳ ପାଇଥାନ୍ତି ଓ ଯଦି ଏହି ସମୟ ପୂର୍ବରୁ ତନ୍ମଧ୍ୟରୁ କୌଣସିଟି ଭାଙ୍ଗି ଦିଆଯାଏ, ତେବେ ସେମାନଙ୍କୁ ନିଜ ପକ୍ଷ ରଖିବା ପାଇଁ ନିଶ୍ଚିତ ସୁଯୋଗ ଦିଆଯାଏ ।

ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ଗଠନ ବିଷୟରେ ଜାଣିବା ପରେ ଆମେ ଦିଲ୍ଲୀ ମହାନଗର ନିଗମ ବିଷୟରେ ଏକ ସଂକ୍ଷିପ୍ତ ଆଲୋଚନା କରୁଛୁ । କେନ୍ଦ୍ର ସରକାରଙ୍କ ଅବସ୍ଥାପିତ ଅଞ୍ଚଳକୁ ବାଦ୍ ଦେଇ ଦିଲ୍ଲୀର ସମସ୍ତ ଭୂଭାଗରେ ମହାନଗର ନିଗମ ପରିବ୍ୟାପ୍ତ । ଏହି ମହାନଗର ନିଗମରେ ୧୩୪ ଜଣ ନିର୍ବାଚିତ ସଦସ୍ୟ (କାଉନ୍‌ସିଲର) ରହିଥାନ୍ତି । ସେମାନେ ଏକକ-ସଦସ୍ୟ ୱାର୍ଡ଼ମାନଙ୍କରୁ ସାବାଳକ ଭୋଟ ପ୍ରଥା ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି । ଏହା ପାଞ୍ଚବର୍ଷ ପାଇଁ ନିର୍ବାଚିତ ହୋଇଥାଏ । ଏହାଛଡ଼ା ଏଥିରେ ଦିଲ୍ଲୀ ବିଧାନସଭା ଦ୍ୱାରା ୧୫ ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଯାଏ । ମହାନଗର ନିଗମଟି ବିଭିନ୍ନ ଆୟୋଗ ଦ୍ୱାରା କାର୍ଯ୍ୟ କରିଥାଏ, ସେଥି ମଧ୍ୟରୁ ଷ୍ଟାଣ୍ଡିଙ୍ଗ୍ କମିଟି ହିଁ ଗୁରୁତ୍ୱପୂର୍ଣ୍ଣ ଅଟେ । ମହାନଗର ନିଗମର ରାଜନୈତିକ ମୁଖ୍ୟଙ୍କୁ ମେୟର ବୋଲି କୁହାଯାଏ ଯେକି କାଉନ୍‌ସିଲରମାନଙ୍କ ଦ୍ୱାରା ଏକ ବର୍ଷପାଇଁ ନିର୍ବାଚିତ ହୋଇଥାନ୍ତି । ଜଣେ ଅମଲା କର୍ମଚାରୀ ଯାହାଙ୍କୁ ମୁନିସିପାଲ କମିଶନର ବୋଲି କୁହାଯାଏ, ସେ ଏହାର ପ୍ରଶାସନିକ ମୁଖ୍ୟ ଅଟନ୍ତି । ଅଧିକାଂଶ ମହାନଗରନିଗମ ଗୁଡ଼ିକ ସାଧାରଣତଃ ଏହି ପ୍ରକାରରେ ଗଠିତ ହୋଇ କାର୍ଯ୍ୟ କରନ୍ତି ।

## ୧୬.୪ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନଙ୍କର କାର୍ଯ୍ୟ

ସାଧାରଣତଃ ଏକ ମହାନଗର ନିଗମ ବା ପୌରପାଳିକାର ଗଠନକୁ ଦୁଇଭାଗରେ ବିଭକ୍ତ କରାଯାଏ । (କ) ବିମର୍ଶ ଗତ ଓ (ଖ) କାର୍ଯ୍ୟପାଳିକା ଗତ । ମହାନଗର ନିଗମ, ପୌରପାଳିକା ବା ପୌର ପରିଷଦ ଜନତାଙ୍କ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଗଠିତ ହୋଇଥାଏ ଯାହାକୁ କି ବିମର୍ଶ ଗତ ଭାଗ ବୋଲି କୁହାଯାଏ । ଏହା ଏକ ବ୍ୟବସ୍ଥାପିକା ଭଳି କାର୍ଯ୍ୟକରେ । ଏହା ସାଧାରଣ ପୌରନୀତି ଓ କାର୍ଯ୍ୟ ସଂକ୍ରାନ୍ତରେ ବିମର୍ଶ, ପୌରସଂସ୍ଥା ଗୁଡ଼ିକର ବଜେଟ୍ ଅନୁମୋଦନ, କର କ୍ଷେତ୍ରରେ ବୃହତ୍ ନୀତି ପ୍ରଣୟନ, ସମ୍ପଦ ସୃଷ୍ଟି, ସେବା କାର୍ଯ୍ୟଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ ଏବଂ ପୌର ପ୍ରଶାସନର ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରିଥାଏ । ଏହା ପୌର ପ୍ରଶାସନ ଉପରେ ଦୃଷ୍ଟି ରଖିଥାଏ ଓ କ'ଣ କରାଯିବ ଏବଂ କ'ଣ କରାନଯିବ ସେଥିପାଇଁ କାର୍ଯ୍ୟପାଳିକାକୁ ଉତ୍ତରଦାୟୀ କରିଥାଏ । ଉଦାହରଣ ସ୍ୱରୂପ, ଯଦି ଜଳ ଯୋଗାଣ ସଠିକ୍ ଭାବରେ ପରିଚାଳିତ ନହୁଏ କିମ୍ବା ଯଦି ମହାମାରୀ ବ୍ୟାପିଥାଏ ତେବେ ବିମର୍ଶ ବିଭାଗ ପ୍ରଶାସନକୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ପରିସ୍ଥିତିର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ସୁପାରିଶ କରିଥାଏ । ପୌର ପ୍ରଶାସନର କାର୍ଯ୍ୟପାଳିକା ଭାଗର ଦାୟିତ୍ୱ ପୌର ଅଧିକାରୀ ଓ ଅନ୍ୟାନ୍ୟ ସ୍ଥାୟୀ କର୍ମଚାରୀଙ୍କ ହାତରେ ନ୍ୟସ୍ତ ଥାଏ । ମହାନଗର ନିଗମମାନଙ୍କରେ ନଗର କମିଶନର୍ କାର୍ଯ୍ୟପାଳିକାର ମୁଖ୍ୟ ଅଟନ୍ତି, ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯଥା ଯନ୍ତ୍ର, ଅର୍ଥ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ ଇତ୍ୟାଦି ତାଙ୍କର ନିୟନ୍ତ୍ରଣ ଓ ତତ୍ତ୍ୱାବଧାନରେ କାର୍ଯ୍ୟ କରନ୍ତି । ଦିଲ୍ଲୀ ବା ମୁମ୍ବାଇ ଭଳି ବୃହତ୍ ନଗର ନିଗମମାନଙ୍କରେ ନଗର କମିଶନର ସାଧାରଣତଃ ଜଣେ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା (IAS) ଅଧିକାରୀ ଅଟନ୍ତି । ପୌରପାଳିକାମାନଙ୍କରେ ମଧ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର ସମାନ ସ୍ଥିତି ଥାଏ ଓ ସେ ପୌରପାଳିକାର ସମସ୍ତ ପ୍ରଶାସନିକ କାର୍ଯ୍ୟ ସମ୍ପାଦନ କରନ୍ତି ।

ପୌର କାର୍ଯ୍ୟଗୁଡ଼ିକ ସାଧାରଣତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ ଯଥା — ବାଧ୍ୟତାମୂଳକ ଓ ଇଚ୍ଛାଧୀନ । ଯେଉଁ କାର୍ଯ୍ୟଗୁଡ଼ିକ ପୌରସଂସ୍ଥା ସମ୍ପାଦନ କରିବାକୁ ବାଧ୍ୟ ସେଗୁଡ଼ିକୁ ବାଧ୍ୟତାମୂଳକ କାର୍ଯ୍ୟ ବୋଲି କୁହାଯାଏ । ଜଳଯୋଗାଣ, ରାସ୍ତାଘାଟ ନିର୍ମାଣ ଓ ରକ୍ଷଣାବେକ୍ଷଣ, ପୋଲ, ଭୂତଳ ରାସ୍ତା ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ, ରାସ୍ତା ଆଲୋକୀକରଣ, ଜଳ ନିଷ୍କାସନ, ବର୍ଜ୍ୟବସ୍ତୁ ପରିଚାଳନା ମହାମାରୀ ନିୟନ୍ତ୍ରଣ ଆଦି କାର୍ଯ୍ୟ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇଥାଏ । ଏହାର ଅନ୍ୟ କେତେକ ବାଧ୍ୟତାମୂଳକ କାର୍ଯ୍ୟ ହେଲା ଜନ ଟୀକାକରଣ, ମହିଳା ଓ ଶିଶୁକଲ୍ୟାଣ କେନ୍ଦ୍ରଗୁଡ଼ିକ ସମେତ ଡାକ୍ତରଖାନା ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ରକ୍ଷଣାବେକ୍ଷଣ କରିବା, ଖାଦ୍ୟ ଅପମିଶ୍ରଣ ରୋକିବା, ବସ୍ତି ଉଚ୍ଛେଦ, ବିଦ୍ୟୁତ୍ ଯୋଗାଣ, ଶ୍ମଶାନ ଘାଟର ରକ୍ଷଣାବେକ୍ଷଣ ଓ ସହରୀ ଯୋଜନା ପ୍ରସ୍ତୁତ କରିବା । କେତେକ ରାଜ୍ୟରେ ଏଥି ମଧ୍ୟରୁ କିଛି କାର୍ଯ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପାଦିତ କରାଯାଇପାରେ ।

ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ପାଣ୍ଠି ଅନୁମୋଦିତ ହୋଇଥିଲେ ପୌରସଂସ୍ଥା ହାତକୁ ନେଇଥାନ୍ତି ସେଗୁଡ଼ିକ ଇଚ୍ଛାଧୀନ କାର୍ଯ୍ୟ ଅଟେ । ଏଗୁଡ଼ିକୁ ଅପେକ୍ଷାକୃତ କମ୍ ଗୁରୁତ୍ୱ ଦିଆଯାଏ । ଏପରି କିଛି ଇଚ୍ଛାଧୀନ କାର୍ଯ୍ୟଗୁଡ଼ିକ ହେଲା ଆଶ୍ରୟଗୃହ ଓ ଅନାଥାଶ୍ରମ ନିର୍ମାଣ ଓ ରକ୍ଷଣାବେକ୍ଷଣ କରିବା, ସ୍ୱଳ୍ପ ଆୟଧାରୀ ବର୍ଗଙ୍କ ପାଇଁ ଗୃହ ନିର୍ମାଣ, ଜନ ଉତ୍ସବ ସଂଗଠିତ କରିବା, ଚିକିତ୍ସା ସୁବିଧା ଯୋଗାଇବା ଇତ୍ୟାଦି ।

ମହାନଗର ନିଗମଗୁଡ଼ିକ ପୌରପାଳିକାମାନଙ୍କଠାରୁ ଅପେକ୍ଷାକୃତ ଅଧିକ କାର୍ଯ୍ୟ ହାତକୁ ନେଇଥାନ୍ତି । ଦିଲ୍ଲୀ, ମୁମ୍ବାଇ, ବରୋଦା, ପୁନେ ଓ ଅହମଦାବାଦ୍ ଭଳି ମହାନଗର ନିଗମଗୁଡ଼ିକ ନିଜ ନିଜର ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଯଥା — ଗମନାଗମନ ସୁବିଧା, ପାର୍କ, ଚିଡ଼ିଆଖାନା ନିର୍ମାଣ ଏବଂ ଦୁଗ୍ଧ ଓ ବିଦ୍ୟୁତ୍ ଯୋଗାଣ ଆଦି କାର୍ଯ୍ୟ ଲାଗି ବେଶ୍ ଜଣାଶୁଣା ଅଟନ୍ତି ।

## ୧୬.୪.୧ ପୌର ସଂସ୍ଥାଗୁଡ଼ିକର ଆର୍ଥିକ ସମ୍ବଳ :

ନିଜ ପୌର ଆଇନରେ ଥିବା ବିଭିନ୍ନ ଉତ୍ସରୁ ମହାନଗର ନିଗମ ଓ ପୌର ପାଳିକାମାନେ ସମ୍ବଳ ସୃଷ୍ଟି କରିଥାନ୍ତି । ସେମାନଙ୍କର ନିଜର ରାଜସ୍ୱ ଆୟଗୁଡ଼ିକ ହେଲା (i) କର, (ii) ଦେୟ ଓ ଜରିମାନା ଓ (iii) ପୌର କାରବାର ଯଥା ଜାଗା, ପୋଖରୀ, ବଜାର ଓ ଦୋକାନ ଇତ୍ୟାଦିରୁ ଆୟ ।

ସହରାଞ୍ଚଳରେ ଥିବା କୋଠାବାଡ଼ି ଉପରେ ସମ୍ପତ୍ତି କର ହେଲା ପୌର ସଂସ୍ଥାଗୁଡ଼ିକର ମୁଖ୍ୟ ଆୟର ଉତ୍ସ । ସେମାନଙ୍କ ଦ୍ୱାରା ଲାଗୁ କରାଯାଉଥିବା ଅନ୍ୟାନ୍ୟ କରଗୁଡ଼ିକ ହେଲା, ବିଜ୍ଞାପନ କର, ବୃତ୍ତି କର ଇତ୍ୟାଦି । ପଣ୍ୟକର (Octroi) ଏବେ ମଧ୍ୟ ପଶ୍ଚିମ ଭାରତରେ ଥିବା ପୌରପାଳିକାମାନଙ୍କର ଏକ ପ୍ରମୁଖ ଆୟର ଉତ୍ସ । ବର୍ତ୍ତମାନ କିନ୍ତୁ ଯାନବାହାନ ଚଳାଚଳରେ ବାଧା ଉପୁଜୁ ଥିବାରୁ ଏହି କରକୁ ଉଚ୍ଛେଦ କରାଯିବା ପାଇଁ ସମୟ ଆସିଛି । ପୌର ଆଇନ ଭଙ୍ଗ କରିବା କ୍ଷେତ୍ରରେ ପୌରସଂସ୍ଥା ଜରିମାନା ଆଦାୟ କରିବାର ବ୍ୟବସ୍ଥା ରହିଛି । ପୌର ପାଳିକାମାନେ ମଧ୍ୟ ପୌର ଦୋକାନ, ବଜାର ଓ ବିଶ୍ରାମ ଗୃହରୁ ବହୁପରିମାଣରେ ଅର୍ଥ ରାଜସ୍ୱ ଆକାରରେ ପାଇଥାନ୍ତି । ସାଧାରଣତଃ ପୌର ସଂସ୍ଥାମାନଙ୍କର ରାଜସ୍ୱ ବୃଦ୍ଧି ପାଇଁ ରାଜ୍ୟ ସରକାର ସେମାନଙ୍କୁ ଆର୍ଥିକ ଅନୁଦାନ ଦେଇଥାନ୍ତି । ରାଜ୍ୟ ଅନୁଦାନ ଅସ୍ଥାୟୀ ଭାବରେ ଦିଆଯାଏ ନଚେତ୍ ଜନସଂଖ୍ୟାର ଆକାର, ବସ୍ତି ସଂଖ୍ୟା, ସହରର ଅବସ୍ଥିତି ଇତ୍ୟାଦି ନିୟମଗୁଡ଼ିକୁ ଆଧାର କରି ମଧ୍ୟ ଦିଆଯାଏ ।

ପୌରସଂସ୍ଥାମାନଙ୍କ ଦ୍ୱାରା ସଂଗ୍ରହ କରାଯାଉଥିବା କେତେକ କର ବା ଟିକସ ହେଲା — ସମ୍ପତ୍ତି କର, ଜଳ ଯୋଗଣ ପାଇଁ ଜଳକର; ପାଇଖାନା କର, ଅଗ୍ନି କର; ପଶୁ ଓ ଯାନବାହନ ଉପରେ କର; ପ୍ରମୋଦ କର; ସମ୍ପତ୍ତି ହସ୍ତାନ୍ତର ଉପରେ ଟିକସ; ସହରକୁ ଆସୁଥିବା କେତେକ ସାମଗ୍ରୀ ଉପରେ ପଣ୍ୟଦ୍ରବ ଟିକସ; ଶିକ୍ଷା କର ଏବଂ ବୃତ୍ତି କର ।

ପୌରସଂସ୍ଥାମାନଙ୍କର ଅନ୍ୟ କିଛି ଆୟର ପନ୍ଥା ଗୁଡ଼ିକ ହେଲା ଦେୟ ଓ ଜରିମାନା ଯଥା ହାଟରେ ବେପାରୀମାନଙ୍କ ଉପରେ ଦେୟ; ସାଇକଲ ଓ ରିକ୍ସା ଉପରେ ଲାଇସେନ୍ସ ଦେୟ; ପୌର ଦୋକାନରୁ ଭଡ଼ାସୂତ୍ରରେ ଆୟ ଏବଂ ପୌର ଆଇନ ଉଲ୍ଲଂଘନ ହେତୁ ଜରିମାନା ସଂଗ୍ରହ ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୬.୧

**ଶୂନ୍ୟସ୍ଥାନ ପୂରଣ କର ।**

୧। ଦିଲ୍ଲୀ ଓ ମୁମ୍ବାଇ ଭଳି ବୃହତ୍ ସହରଗୁଡ଼ିକରେ __________ ପୌରସଂସ୍ଥା ରହିଥାଏ ।
(ମହାନଗର ନିଗମ / ପୌର ପରିଷଦ / ନଗର ପଞ୍ଚାୟତ)

୨। ପୌର ସଂସ୍ଥାମାନଙ୍କରେ ବର୍ତ୍ତମାନ __________ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହୁଛି ।
(ଅର୍ଦ୍ଧେକ / ଏକ ତୃତୀୟାଂଶ / ଏକ ଚତୁର୍ଥାଂଶ)

୩। ରାଜ୍ୟ ନିର୍ବାଚନ ଆୟୋଗ __________ ପାଇଁ ନିର୍ବାଚନ ଅନୁଷ୍ଠିତ କରେ ।
(ରାଜ୍ୟପାଳ / ବିଧାସଭା / ପୌର ନିଗମ ଓ ପରିଷଦ)

୪। ସାଧାରଣତଃ ପୌର ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ __________ ବର୍ଷ ଅଟେ ।
(ତିନି / ଚାରି / ପାଞ୍ଚ)

୫। ମହାନଗର ନିଗମର ପ୍ରଶାସନିକ ମୁଖ୍ୟଙ୍କୁ __________ କୁହାଯାଏ ।
(ସଭାପତି / ମେୟର / ପୌର କମିଶନର)

୬। __________ ଏକ ପୌର ସଂସ୍ଥାଗୁଡ଼ିକର ବାଧ୍ୟତାମୂଳକ କାର୍ଯ୍ୟ ଅଟେ ।
(ଅନାଥାଶ୍ରମ ରକ୍ଷଣାବେକ୍ଷଣ କରିବା / ସ୍ୱଳ୍ପ ଆୟକାରୀଙ୍କ ପାଇଁ ଗୃହ ନିର୍ମାଣ କରିବା / ପାନୀୟ ଜଳ ଯୋଗାଣ)

୭। __________ ହେଉଛି ପୌର ସଂସ୍ଥାମାନଙ୍କର ଏକ ମୁଖ୍ୟ ଆୟ ପନ୍ଥା ।
(ସମ୍ପତ୍ତି କର / ଅଗ୍ନିସେବା କର / ଶିକ୍ଷା କର)

## ୧୬.୫ ପଞ୍ଚାୟତି ରାଜ ଅନୁଷ୍ଠାନ

ପଞ୍ଚାୟତି ରାଜ ଧାରଣାଟି ଖାଲି ପୁରାତନ ଭାରତୀୟ ବିଶ୍ୱାସ ଯେ 'ଈଶ୍ୱର ପଞ୍ଚରେ ବାସ କରନ୍ତି' ବା ପଞ୍ଚ ପରମେଶ୍ୱର ଉପରେ ଆଧାରିତ ତାହା ନୁହେଁ, ବରଂ ଏହା ମହାତ୍ମାଗାନ୍ଧୀଙ୍କ ଦ୍ୱାରା ଅତି ଉତ୍ସାହର ସହିତ ପ୍ରବର୍ତ୍ତିତ ହୋଇଥିଲା । ମହାତ୍ମା ଗାନ୍ଧୀ ସମସ୍ତ ବର୍ଗର ଜନସାଧାରଣଙ୍କର କ୍ଷମତା ଓ ତୃଣମୂଳ ଗଣତନ୍ତ୍ର ଉପରେ ବିଶ୍ୱାସ କରୁଥିଲେ । ଏହା ହିଁ କେବଳ ଗ୍ରାମ ପଞ୍ଚାୟତ ଦ୍ୱାରା ସମ୍ଭବ ହୋଇପାରିବ ।

### ପଞ୍ଚାୟତିରାଜ ବ୍ୟବସ୍ଥାର ଗୁରୁତ୍ୱ :

ବ୍ରିଟିଶ ଶାସନ ପର୍ଯ୍ୟନ୍ତ ପଞ୍ଚାୟତଗୁଡ଼ିକ ଗ୍ରାମାଞ୍ଚଳର ସାମାଜିକ ଜୀବନ ସଂକ୍ରାନ୍ତରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲା ଓ ଗ୍ରାମବାସୀଙ୍କ ମଧ୍ୟରେ ଥିବା କ୍ଷୁଦ୍ର ବିବାଦଗୁଡ଼ିକର ସମାଧାନ କରୁଥଲା ମାତ୍ର ବ୍ରିଟିଶ ଶାସନ ସମୟରେ ପଞ୍ଚାୟତଗୁଡ଼ିକ ପୂର୍ବରୁ ପାଉଥିବା ସମ୍ମାନ ଓ କ୍ଷମତା ହରାଇ ବସିଲେ । ନୂଆକରି ଗଢ଼ି ଉଠିଥିବା ନ୍ୟାୟାଳୟ ବ୍ୟବସ୍ଥା, ଆଇନ୍ ଓ ରାଜସ୍ୱ ସଂଗ୍ରହ ଏହାର କାରଣ ଅଟେ । ଯଦିଓ ସ୍ୱାଧୀନ ଭାରତର ସମ୍ବିଧାନରେ ଥିବା ଏକ ରାଷ୍ଟ୍ରୀୟ ନିର୍ଦ୍ଦେଶାତ୍ମକ ନୀତି ଅନୁସାରେ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମ ପଞ୍ଚାୟତ ଗଠନ କରିବାକୁ ଓ ସେଗୁଡ଼ିକୁ ସ୍ୱୟଂଚାଳିତ ଭାବରେ କାର୍ଯ୍ୟ କରିବାକୁ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦିଆଯାଇଛି, ତଥାପି ରାଜ୍ୟମାନେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଗମ୍ଭୀରତାର ସହିତ ନେଇନାହାନ୍ତି । ବର୍ତ୍ତମାନ କିନ୍ତୁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ମର୍ଯ୍ୟାଦା ଦିଆଯାଇଛି ।

### ୧୬.୫.୧ ବଳବନ୍ତ ରାୟ ମେହେଟ୍ଟା କମିଟି ଓ ଅଶୋକ ମେହେଟ୍ଟା କମିଟିର ସୁପାରିଶ :

ବଳବନ୍ତ ରାୟ ମେହେଟ୍ଟା କମିଟି (୧୯୫୭)ଗଣତାନ୍ତ୍ରିକ ବିକେନ୍ଦ୍ରିକରଣ ନିମିତ୍ତ ତ୍ରିସ୍ତରୀୟ ପଞ୍ଚାୟତି ରାଜ ବ୍ୟବସ୍ଥା ପ୍ରଚଳନ ପାଇଁ ସୁପାରିଶ କରିଥିଲେ । ଅର୍ଥାତ୍ ଏହାନୁଯାୟୀ ପଞ୍ଚାୟତିରାଜ ବ୍ୟବସ୍ଥା ତିନୋଟି ସ୍ତରରେ ଗଠନ କରାଯିବା ଉଚିତ । ସେଗୁଡ଼ିକୁ ଯଥେଷ୍ଟ କ୍ଷମତା ଓ ସମ୍ବଳ ଦିଆଯିବା ଉଚିତ । ପଞ୍ଚାୟତି ବ୍ୟବସ୍ଥାର ଏହି ତିନୋଟି ସ୍ତର ହେଲା —

- ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ;
- ବ୍ଲକ ବା ମଣ୍ଡଳ ସ୍ତରରେ ପଞ୍ଚାୟତ ସମିତି;
- ଗ୍ରାମ ସ୍ତରରେ ଗ୍ରାମ ପଞ୍ଚାୟତ ।

ଏହି ଯୋଜନା ଅନୁଯାୟୀ ପଞ୍ଚାୟତ ସମିତିର ଗୁରୁତ୍ୱ ସବୁଠାରୁ ଅଧିକ ଥିଲା । ଯେହେତୁ ନିମ୍ନ ସ୍ତରର ସଭାପତି ଉଚ୍ଚସ୍ତରରେ ପ୍ରତିନିଧିତ୍ୱ ପାଉଥିଲେ ପଞ୍ଚାୟତିରାଜ ବ୍ୟବସ୍ଥାର ତିନୋଟିଯାକ ସ୍ତର ପରସ୍ପର ସହିତ ଜଡ଼ିତ ରହୁଥିଲେ । ବଳବନ୍ତ ରାୟ ମେହେଟ୍ଟା ସମିତି ସୁପାରିଶ ଅନୁଯାୟୀ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଥମେ ୧୯୫୯ ମସିହାରେ ରାଜସ୍ଥାନରେ ଆରମ୍ଭ ହୋଇଥିଲା । ପରେ ପରେ ଅନ୍ୟ ରାଜ୍ୟଗୁଡ଼ିକ ଏହାକୁ ଅନୁକରଣ କଲେ । ପ୍ରାରମ୍ଭରେ ରାଜ୍ୟ ଓ ଜନସାଧାରଣଙ୍କ ମଧ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ବହୁତ ଉତ୍ସାହ ପରିଲିକ୍ଷିତ

ହୋଇଥିଲା । କିନ୍ତୁ କାଳକ୍ରମେ ସରକାରଙ୍କ ଉଦାସୀନତା ଓ ରାଜନୈତିକ ହସ୍ତକ୍ଷେପ ଯୋଗୁ ପଞ୍ଚାୟତରାଜ ବ୍ୟବସ୍ଥା ଗୁଡ଼ିକର ଅଧପତନ ଆରମ୍ଭ ହେଲା ।

ପଞ୍ଚାୟତିରାଜ ବ୍ୟବସ୍ଥାର ପୁନରାବଲୋକନ ପାଇଁ ସରକାର ଅଶୋକ ମେହେଟ୍ଟା ସମିତି ଗଠନ କରିଥିଲେ ଯାହାକି ତାଙ୍କ ମତାମତ ୧୯୭୮ ମସିହାରେ ପ୍ରଦାନ କରିଥିଲେ । ଅଶୋକ ମେହେଟ୍ଟା କମିଟିର ମତାମତ ଅନୁଯାୟୀ ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମବାସୀଙ୍କ ମଧ୍ୟରେ ରାଜନୈତିକ ସତର୍କତା ସୃଷ୍ଟି କରିବାରେ ସଫଳ ହୋଇଛି । ମାତ୍ର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଏହା ସେତେଟା ସଫଳ ହୋଇନାହିଁ । ବଳବନ୍ତ ରାୟ ମେହେଟ୍ଟା ସମିତି ସୁପାରିଶ ପରିବର୍ତ୍ତେ ଅଶୋକ ମେହେଟ୍ଟା କମିଟି ଦ୍ୱିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ ପାଇଁ ମତାମତ ଦେଲେ । ଏହି ଦୁଇଟି ସ୍ତର ହେଲା —

- ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ
- ମଣ୍ଡଳ ପଞ୍ଚାୟତ, ଯାହାକି ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ମଧ୍ୟରେ ଏକ ପ୍ରଶାସନିକ ସଂସ୍ଥା । ପୂର୍ବ କମିଟି ସୁପାରିଶ ବଦଳରେ ଅଶୋକ ମେହେଟ୍ଟା କମିଟି ଅନୁଯାୟୀ ଏପରି ଦ୍ୱି-ସ୍ତରୀୟ ବ୍ୟବସ୍ଥାରେ ପଞ୍ଚାୟତ ସମିତି ଅପେକ୍ଷା ଜିଲ୍ଲା ପରିଷଦ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । କିନ୍ତୁ ୧୯୮୦ ମସିହାରେ ଜନତା ସରକାର ଭାଙ୍ଗି ଯିବାରୁ ଅଶୋକ ମେହେଟ୍ଟା କମିଟିର ସୁପାରିଶଗୁଡ଼ିକ କାର୍ଯ୍ୟକାରୀ ହୋଇପାରିଲା ନାହିଁ ।

ବହୁବର୍ଷ ଧରି ବିହାର, ଉତ୍ତରପ୍ରଦେଶ ଓ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ କରି ନ ଥିଲେ । ତତ୍‌ସଙ୍ଗେ ସଙ୍ଗେ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଅନେକ ନୂତନ ସଂସ୍ଥା ଯଥା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (DRDA) ଗଠନ କରିଥିଲେ ଯାହାକି ରାଜ୍ୟ ସରକାରଙ୍କ ସହିତ ମିଶି କାର୍ଯ୍ୟ କରୁଥିଲା । ଏହି ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକରେ ପଞ୍ଚାୟତମାନଙ୍କର କୌଣସି ଭୂମିକା ନଥିଲା । ସେମାନଙ୍କର ମଧ୍ୟ ଗ୍ରାମାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ନିଜର କୌଣସି ପାଣ୍ଠି ନଥିଲା ।

## ୧୬.୫.୨ ୭୩ତମ ସମ୍ବିଧାନ ସଂଶୋଧନର ପ୍ରମୁଖ ବୈଶିଷ୍ଟ୍ୟ :

୧୯୯୨ ମସିହାରେ ଗୃହୀତ ହୋଇଥିବା ୭୩ତମ ସମ୍ବିଧାନ ସଂଶୋଧନଟି ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ଗଠନ, ସଶକ୍ତିକରଣ ଓ କାର୍ଯ୍ୟକାରିତା ସଂକ୍ରାନ୍ତରେ ବୈଧାନିକ ବ୍ୟବସ୍ଥା ସୃଷ୍ଟି କରିଛି । ଏହି ସଂଶୋଧନରେ କେତେକ ବ୍ୟବସ୍ଥା ରାଜ୍ୟମାନଙ୍କ ପାଇଁ ବାଧ୍ୟତାମୂଳକ ହୋଇଥିବାବେଳେ ଆଉ କିଛି ବ୍ୟବସ୍ଥା ରାଜ୍ୟ ବ୍ୟବସ୍ଥାପିକା ମାନେ ନିଜ ସ୍ତରରେ ବିଚାର କରି ନିଷ୍ପତ୍ତି ନବା ପାଇଁ ଛାଡ଼ି ଦିଆଯାଇଛି । ଏହି ସଂଶୋଧନର ପ୍ରମୁଖ ବୈଶିଷ୍ଟ୍ୟମାନ ନିମ୍ନରେ ଦିଆଗଲା ।

ଏହି ନୂତନ ଆଇନର କେତେକ ବାଧତାମୂଳକ ଆବଶ୍ୟକତାଗୁଡ଼ିକ ହେଲା –

- ଗ୍ରାମ ସଭା ଗୁଡ଼ିକର ଗଠନ ;
- ଜିଲ୍ଲା, ବ୍ଲକ ଓ ଗ୍ରାମସ୍ତରରେ ତ୍ରିସ୍ତରିୟ ପଞ୍ଚାୟତରାଜ ବ୍ୟବସ୍ଥା ସୃଷ୍ଟି କରିବ ;
- ସବୁ ସ୍ତରରେ ଥିବା ପାଖାପାଖି ସମସ୍ତ ପଦବୀ ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ପୂରଣ କରାଯିବ ;
- ପଞ୍ଚାୟତି ରାଜ ସଂସ୍ଥା ଗୁଡ଼ିକର ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ସର୍ବନିମ୍ନ ବୟସ ସୀମା ୨୧ ବର୍ଷ ରହିବ ;
- ଜିଲ୍ଲା ଓ ବ୍ଲକ୍ ସ୍ତରରେ ସଭାପତି ପଦ ପରୋକ୍ଷ ନିର୍ବାଚନ ଦ୍ୱାରା ପୂରଣ କରାଯିବ ;

- ଅନୁସୂଚିତ ଜାତି/ ଜନଜାତି ଶ୍ରେଣୀ ପାଇଁ ସେମାନଙ୍କ ଜନସଂଖ୍ୟା ଅନୁପାତରେ ଓ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ପଞ୍ଚାୟତ ମାନଙ୍କରେ ସଂରକ୍ଷିତ ହୋଇ ରହିବ ;
- ପ୍ରତ୍ୟେକ ରାଜ୍ୟରେ ପଞ୍ଚାୟତିରାଜ ସଂସ୍ଥାମାନଙ୍କ ପାଇଁ ନିର୍ବାଚନ ଅନୁଷ୍ଠିତ କରିବା ସକାଶେ ଏକ ରାଜ୍ୟ ନିର୍ବାଚନ ଆୟୋଗ ପ୍ରତିଷ୍ଠା କରାଯିବ ;
- ପଞ୍ଚାୟତି ରାଜ ସଂସ୍ଥା ମାନଙ୍କର କାର୍ଯ୍ୟକାଳ ପାଞ୍ଚବର୍ଷ ରହିବ, କିନ୍ତୁ ପାଞ୍ଚବର୍ଷ ପୂର୍ବରୁ ଏହାକୁ ଯଦି ଭାଙ୍ଗାଯିବ ତେବେ ୬ମାସ ମଧ୍ୟରେ ସଦ୍ୟ ନିର୍ବାଚନ ଅନୁଷ୍ଠିତ କରାଯିବ; ଏବଂ
- ପ୍ରତ୍ୟେକ ରାଜ୍ୟରେ ପ୍ରତି ପାଞ୍ଚବର୍ଷକୁ ଥରେ ଏକ ରାଜ୍ୟ ଅର୍ଥ ଆୟୋଗ ପ୍ରତିଷ୍ଠା କରାଯିବ । (ପୂର୍ବରୁ ଆଲୋଚନା କରାଯାଇଥିବା ୭୪ତମ ସଂଶୋଧନ ଦେଖ)

କେତେକ ବ୍ୟବସ୍ଥା ଯେଉଁଗୁଡ଼ିକ ରାଜ୍ୟମାନଙ୍କ ପ୍ରତି ବାଧ୍ୟତାମୂଳକ ନୁହେଁ, କେବଳ ନିର୍ଦ୍ଦେଶାବଳୀ ମାତ୍ର ସେଗୁଡ଼ିକ ହେଲା –

- ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ବ୍ୟବସ୍ଥାପିକାର ସଦସ୍ୟମାନଙ୍କୁ ଭୋଟ୍ ଦେବା ଅଧିକାର ପ୍ରଦାନ କରିବା ;
- ପଛୁଆ ଶ୍ରେଣୀଙ୍କ ପାଇଁ ସଂରକ୍ଷଣ ଯୋଗାଇ ଦେବା ; ଏବଂ
- କର ଓ ଦେୟ ଧାର୍ଯ୍ୟ କରିବା କ୍ଷେତ୍ରରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ କ୍ଷମତା ପ୍ରଦାନ କରିବା ଓ ପଞ୍ଚାୟତଗୁଡ଼ିକୁ ସ୍ୱୟଂଚାଳିତ ସଂସ୍ଥା କରିବା ଦିଗରେ ପଦକ୍ଷେପ ନେବା ।

## ୧୬.୬ ପଞ୍ଚାୟତଗୁଡ଼ିକର ଗଠନ

୭୩ତମ ସଂଶୋଧନ ଅନୁଯାୟୀ ପ୍ରତିଷ୍ଠା କରାଯାଇଥିବା ପଞ୍ଚାୟତିରାଜ ବ୍ୟବସ୍ଥା ଏକ ତ୍ରି-ସ୍ତରୀୟ ବ୍ୟବସ୍ଥା ଯାହାକି ଗ୍ରାମ, ବ୍ଲକ ଓ ଜିଲ୍ଲା ସ୍ତରରେ ପ୍ରତ୍ୟକ୍ଷ ନିର୍ବାଚନ ଉପରେ ଆଧାରିତ । ୨୦ଲକ୍ଷରୁ କମ୍ ଜନସଂଖ୍ୟା ଥିବା କ୍ଷୁଦ୍ର ରାଜ୍ୟମାନଙ୍କୁ ମଧ୍ୟମ (ବ୍ଲକ୍) ସ୍ତର ପାଇଁ ବାଦ୍ ଦିଆଯାଇଛି । ଅର୍ଥାତ୍ ସେମାନେ ମଧ୍ୟମ ସ୍ତର ପାଇଁ ନିର୍ବାଚନ କରିବା ଲାଗି ବାଧ୍ୟ ନୁହନ୍ତି । ପଞ୍ଚାୟତର ସମସ୍ତ ସଦସ୍ୟ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି । ଯଦି ଏକ ରାଜ୍ୟ ନିଷ୍ପତ୍ତି ଗ୍ରହଣ କରେ ତେବେ ରାଜ୍ୟ ବ୍ୟବସ୍ଥାପିକା ଓ ସଂସଦର ସଦସ୍ୟମାନେ ଜିଲ୍ଲା ଓ ମଧ୍ୟମ ସ୍ତର ପଞ୍ଚାୟତ ସଂସ୍ଥାମାନଙ୍କରେ ପ୍ରତିନିଧିତ୍ୱ ପାଇପାରିବେ । ମଧ୍ୟମ ସ୍ତରରେ ଥିବା ପଞ୍ଚାୟତ ସଂସ୍ଥାକୁ ସାଧାରଣତଃ ପଞ୍ଚାୟତ ସମିତି ବୋଲି କୁହାଯାଏ । ବ୍ଲକ ଓ ଜିଲ୍ଲାସ୍ତରରେ ପଞ୍ଚାୟତମାନଙ୍କରେ ଗ୍ରାମପଞ୍ଚାୟତର ସଭାପତିଙ୍କୁ ସାମିଲ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ପୂର୍ବରୁ ସୂଚାଇ ଦିଆଯାଇଛି ଅନୁସୂଚିତ ଜାତି / ଜନଜାତି ଶ୍ରେଣୀ ପାଇଁ ପଞ୍ଚାୟତଗୁଡ଼ିକରେ ଆସନ ସଂରକ୍ଷଣ କରାଯାଏ । ମାତ୍ର ଏହା ଉଲ୍ଲେଖ ଯୋଗ୍ୟ ଯେ ଏକ – ତୃତୀୟାଂଶ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଥାଏ ଓ ଅନୁସୂଚିତ ଜାତି/ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ କୋଟାରୁ ମଧ୍ୟ ଏକ ତୃତୀୟାଂଶ ମହିଳାମାନଙ୍କ ପାଇଁ ରହିଥାଏ । ସଭାପତି ପଦବୀ ପାଇଁ ମଧ୍ୟ ସଂରକ୍ଷଣର ବ୍ୟବସ୍ଥା ରହିଛି । ସମସ୍ତ ସଂରକ୍ଷିତ ଆସନ ପର୍ଯ୍ୟାୟକ୍ରମେ ପଞ୍ଚାୟତର ସମସ୍ତ ନିର୍ବାଚନମଣ୍ଡଳୀରେ ଅଦଳବଦଳ ହୋଇ ଆବଣ୍ଟିତ ହେବ । ରାଜ୍ୟ ବ୍ୟବସ୍ଥାପିକା ଚାହିଁଲେ ଅନ୍ୟାନ୍ୟ ପଛୁଆ ବର୍ଗ ପାଇଁ ପଞ୍ଚାୟତ ଗୁଡ଼ିକରେ ଆରକ୍ଷଣ ବ୍ୟବସ୍ଥା କରିପାରିବେ ।

(i) **କାର୍ଯ୍ୟକାଳ :** ୭୩ତମ ସଂଶୋଧନ ଅନୁଯାୟୀ ପଞ୍ଚାୟତଗୁଡ଼ିକର ସ୍ଥିତି ଚିରନ୍ତନ ଅଟେ । ସାଧାରରତଃ ଏକ ପଞ୍ଚାୟତର କାର୍ଯ୍ୟକାଳ ପାଞ୍ଚ ବର୍ଷ । ଏହା ପୂର୍ବରୁ ଯଦି ପଞ୍ଚାୟତକୁ ଭଙ୍ଗାଯାଏ ତେବେ ୬ମାସ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ କରାଯାଏ । ଏହି କାର୍ଯ୍ୟ ସମ୍ପାଦନ କରିବା ପାଇଁ ରାଜ୍ୟ

ସ୍ତରରେ ଏକ ନିର୍ବାଚନ ଆୟୋଗର ବ୍ୟବସ୍ଥା ରହିଛି ଯାହାକି ପଞ୍ଚାୟତ ନିର୍ବାଚନକୁ ତତ୍ତ୍ୱାବଧାନ, ନିର୍ଦ୍ଦେଶ ଓ ନିୟନ୍ତ୍ରଣ କରିଥାଏ । ଏହା ମଧ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ସହିତ ପଞ୍ଚାୟତ ନିର୍ବାଚନକୁ ପରିଚାଳନା କରିଥାଏ ।

(ii) **ପଞ୍ଚାୟତର କ୍ଷମତା ଓ ଦାୟିତ୍ୱ :** ତୃଣମୂଳ ସ୍ତରରେ ପଞ୍ଚାୟତଗୁଡ଼ିକୁ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ଭାବେ ଗଢ଼ିବା ପାଇଁ ରାଜ୍ୟ ବ୍ୟବସ୍ଥାପିକା ସେମାନଙ୍କୁ ଆବଶ୍ୟକୀୟ କ୍ଷମତା ଓ ଦାୟିତ୍ୱ ହସ୍ତାନ୍ତର କରିଥାନ୍ତି । ଆର୍ଥିକ ବିକାଶ ଓ ସାମାଜିକ ନ୍ୟାୟ କ୍ଷେତ୍ରରେ ଯୋଜନା ପ୍ରସ୍ତୁତ କରିବା ପାଇଁ ପଞ୍ଚାୟତଗୁଡ଼ିକୁ ଦାୟିତ୍ୱ ଦିଆଯାଇପାରେ । ୨୯ଗୋଟି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକରେ ଯଥା କୃଷି, ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ, ପାନୀୟ ଜଳ, ଗ୍ରାମ୍ୟ ଆବାସ, ଦୁର୍ବଳଶ୍ରେଣୀ ପାଇଁ କଲ୍ୟାଣ, ସାମାଜିକ ବନ ପ୍ରକଳ୍ପ ଇତ୍ୟାଦି ପାଇଁ ପଞ୍ଚାୟତ ଅର୍ଥନୈତିକ ବିକାଶ ଓ ସାମାଜିକ ନ୍ୟାୟ କ୍ଷେତ୍ରରେ ଯୋଜନାମାନ ପ୍ରସ୍ତୁତ କରିପାରେ ।

## ୧୬.୭ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା

(i) **ଗ୍ରାମସ୍ତରରେ ପଞ୍ଚାୟତ :**

ଏହା ପଞ୍ଚାୟତିରାଜ ବ୍ୟବସ୍ଥାର ଏକ ମୌଳିକ ଓ ତୃଣମୂଳ ସ୍ତର ଅଟେ । ଏକ ଗ୍ରାମ ପାଇଁ ବା କିଛି ଗ୍ରାମର ସମଷ୍ଟି ପାଇଁ ଥିବା ପଞ୍ଚାୟତ ମଧ୍ୟରେ ଅନ୍ତର୍ଭୁକ୍ତ ହେଉଥିବା ସଂସ୍ଥାଗୁଡ଼ିକ ହେଲା - (କ) ଗ୍ରାମସଭା, ଯାହାକି ପ୍ରତ୍ୟକ୍ଷ ଗଣତନ୍ତ୍ରର ଏକ ପ୍ରତୀକ, (ଖ) ଗ୍ରାମ ପଞ୍ଚାୟତ ଓ (ଗ) ନ୍ୟାୟ ପଞ୍ଚାୟତ ।

**(କ) ଗ୍ରାମସଭା:**

୭୩ତମ ସଂଶୋଧନ ଅନୁଯାୟୀ ପ୍ରତ୍ୟକ୍ଷ ଗଣତନ୍ତ୍ରର ଏକ ଅନୁଷ୍ଠାନ ଭାବେ ଗ୍ରାମସଭାକୁ ପରିଗଣିତ କରାଯାଇଛି । ଏକ ବା ଏକାଧିକ ଗ୍ରାମଗୁଡ଼ିକର ସାବାଳକ ଅଧିବାସୀମାନଙ୍କୁ **ନେଇ ଗ୍ରାମ ସଭା ଗଠିତ ହୋଇଥାଏ ।** ସେଥିପାଇଁ ପ୍ରତ୍ୟକ୍ଷ ଗଣତନ୍ତ୍ର କ୍ଷେତ୍ରରେ ଏହା ଦେଶର ଏକମାତ୍ର ଅନୁଷ୍ଠାନ ଅଟେ ।

ସାଧାରଣତଃ ପ୍ରତିବର୍ଷ ଗ୍ରାମସଭାର ବୈଠକ ଦୁଇଥର ବସିଥାଏ ।ଏହି ବୈଠକ ଗୁଡ଼ିକରେ ଗ୍ରାମବାସୀଙ୍କର ଏକ ସାଧାରଣ ସଭା ହୋଇଥିବାରୁ ଗ୍ରାମସଭା ପଞ୍ଚାୟତର ବାର୍ଷିକ ହିସାବ ଓ ପ୍ରଶାସନିକ ବିବରଣୀଗୁଡ଼ିକ ଶୁଣାଣି କରିଥାଏ । ପଞ୍ଚାୟତମାନଙ୍କରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ନୂତନ ବିକାଶ ମୂଳକ ପ୍ରକଳ୍ପଗୁଡ଼ିକ ପାଇଁ ଏହା ସୁପାରିଶ କରିଥାଏ । ଏହା ମଧ୍ୟ ଗ୍ରାମରେ ରହୁଥିବା ଦରିଦ୍ର ଲୋକଙ୍କୁ ଚିହ୍ନଟ କରିଥାଏ, ଯାହାଦ୍ୱାରା କି ସେମାନଙ୍କୁ ଅର୍ଥନୈତିକ ସହାୟତା ଦିଆଯାଇପାରେ ।

**(ଖ) ଗ୍ରାମ ପଞ୍ଚାୟତ :**

ଦେଶରେ ଥିବା ନିମ୍ନ ସ୍ତରର ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମ ପଞ୍ଚାୟତ ଅଟେ । ଅଧିକାଂଶ ରାଜ୍ୟରେ ଏହାକୁ ଗ୍ରାମ ପଞ୍ଚାୟତ ବୋଲି କୁହାଯାଏ । ଗ୍ରାମପଞ୍ଚାୟତର ସଦସ୍ୟମାନେ ଜନତାଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି । ଗ୍ରାମ ଜନସଂଖ୍ୟାକୁ ଆଧାର କରି ଗ୍ରାମପଞ୍ଚାୟତର ସଦସ୍ୟସଂଖ୍ୟା ସ୍ଥିର କରାଯାଇ ଥାଏ । ସେଥିପାଇଁ ଏହା ପଞ୍ଚାୟତରୁ ପଞ୍ଚାୟତ ଭିନ୍ନ ଅଟେ । ଏକକ - ସଦସ୍ୟୀୟ ନିର୍ବାଚନ ମଣ୍ଡଳୀ ଆଧାରରେ ଗ୍ରାମପଞ୍ଚାୟତ ପାଇଁ ନିର୍ବାଚନ ଅନୁଷ୍ଠିତ କରାଯାଏ । ପୂର୍ବରୁ ସୂଚାଇ ଦିଆଯାଇଛି ଯେ ସମସ୍ତ ଆସନର ଏକ - ତୃତୀୟାଂଶ ମହିଳାମାନଙ୍କ ପାଇଁ ଓ କେତେକ ଆସନ ଅନୁସୂଚିତ ଜାତି ଓ ଜନଜାତି ପାଇଁ ଉଦ୍ଦିଷ୍ଟ ରହିଥାଏ ଯେଉଁଥିରେ କି ଏକ-ତୃତୀୟାଂଶ ଅନୁସୂଚିତ ଜାତି ଓ ଜନଜାତିର ମହିଳା ଅନ୍ତର୍ଭୁକ୍ତ ଅଟନ୍ତି ।

ଗ୍ରାମପଞ୍ଚାୟତ ସଭାପତିଙ୍କୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ସମ୍ବୋଧନ କରାଯାଏ ଯଥା, ସରପଞ୍ଚ, ପ୍ରଧାନ ବା ସଭାପତି । ଏଥିରେ ମଧ୍ୟ ଜଣେ ଉପସଭାପତି ରହିଥାନ୍ତି । ଉଭୟ ପଞ୍ଚାୟତର



Notes

ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ଗ୍ରାମପଞ୍ଚାୟତଗୁଡ଼ିକର ବୈଠକ ସାଧାରଣତଃ ମାସିକ ଥରେ ଅନୁଷ୍ଠିତ ହୋଇଥାଏ । ସମସ୍ତ ସ୍ତରରେ ପଞ୍ଚାୟତଗୁଡ଼ିକ ନିଜ ନିଜର କାର୍ଯ୍ୟ ସମ୍ପାଦନ କରିବା ପାଇଁ ସମିତିମାନ ଗଠନ କରିଥାନ୍ତି ।

**(ଗ) ନ୍ୟାୟ ପଞ୍ଚାୟତ :**

ଏଗୁଡ଼ିକ ନ୍ୟାୟିକ ପଞ୍ଚାୟତ ଅଟେ ଯାହା ପୁରାତନ ଯୁଗରେ ଥିବା ଓ ସ୍ଥାନୀୟ ବିବାଦକୁ ସମାଧାନ କରୁଥିବା ଗ୍ରାମପଞ୍ଚାୟତର ସ୍ମୃତିଚାରଣ କରିଥାଏ । ଶୀଘ୍ର ଓ ଅଳ୍ପ ବ୍ୟୟସାପେକ୍ଷ ନ୍ୟାୟ ପ୍ରଦାନ କରିବା ପାଇଁ ଏଗୁଡ଼ିକ ପ୍ରତିଷ୍ଠା କରାଯାଏ । ନ୍ୟାୟ ପଞ୍ଚାୟତର ପରିସର ରାଜ୍ୟବ୍ୟାପି ଭିନ୍ନ ଭିନ୍ନ ହୋଇଥାଏ — ପାଞ୍ଚ କିମ୍ବା ତତୋଧିକ ଗ୍ରାମପଞ୍ଚାୟତ ପାଇଁ ଗୋଟିଏ ନ୍ୟାୟ ପଞ୍ଚାୟତ ଗଠନ କରାଯାଏ । ଏଗୁଡ଼ିକର କାର୍ଯ୍ୟକାଳ ରାଜ୍ୟସରକାରଙ୍କର ଆଇନ୍ ଦ୍ୱାରା ସ୍ଥିର କରାଯାଏ ଯାହାକି ୩ରୁ ୫ବର୍ଷ ଅଟେ । ନ୍ୟାୟ ପଞ୍ଚାୟତ ଗୁଡ଼ିକ ସାଧାରଣତଃ ଛୋଟ ଛୋଟ ଦେୱାନୀ ଓ ଫୌଜଦାରୀ ମାମଲା ଗୁଡ଼ିକର ବିଚାର କରିଥାନ୍ତି ଓ ୧୦୦ଟଙ୍କା ପର୍ଯ୍ୟନ୍ତ ଜରିମାନା ଧାର୍ଯ୍ୟ କରିଥାନ୍ତି । ନ୍ୟାୟ ପଞ୍ଚାୟତର ମାମଲାଗୁଡ଼ିକୁ ଉପସ୍ଥାପନ କରିବା ପାଇଁ କୌଣସି ଓକିଲଙ୍କର ଆବଶ୍ୟକତା ନଥାଏ । ଏଠାରେ ପ୍ରଭାବିତ ବ୍ୟକ୍ତି ବା ଗୋଷ୍ଠୀ ନିଜର ପକ୍ଷ ରଖିଥାନ୍ତି ।

(ii) **ପଞ୍ଚାୟତ ସମିତି :**

ପଞ୍ଚାୟତିରାଜ ବ୍ୟବସ୍ଥାର ଦ୍ୱିତୀୟ ବା ମଧ୍ୟମସ୍ତର ହେଉଛି ପଞ୍ଚାୟତ ସମିତି ଯାହାକି ଗ୍ରାମ ପଞ୍ଚାୟତ ଓ ଜିଲ୍ଲା ପରିଷଦ ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥାଏ । ପଞ୍ଚାୟତ ସମିତିର ଆକାର ସେହି ସମିତି ଅଞ୍ଚଳରେ ବସବାସ କରୁଥିବା ଜନସଂଖ୍ୟା ଉପରେ ନିର୍ଭର କରେ । ପଞ୍ଚାୟତ ସମିତିର କେତେକ ସଦସ୍ୟ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି । ଗ୍ରାମ ପଞ୍ଚାୟତ ଗୁଡ଼ିକର ସରପଞ୍ଚମାନେ ନିଜ ପଦବୀ ବଳରେ ପଞ୍ଚାୟତ ସମିତିର ସଦସ୍ୟ ଅଟନ୍ତି । ମାତ୍ର ଗ୍ରାମ ପଞ୍ଚାୟତଗୁଡ଼ିକର ସମସ୍ତ ସରପଞ୍ଚ ଏକ ସମୟରେ ପଞ୍ଚାୟତ ସମିତିର ସଦସ୍ୟ ହୋଇନଥାନ୍ତି । ଏମାନଙ୍କ ସଂଖ୍ୟା ରାଜ୍ୟବ୍ୟାପି ଭିନ୍ନ ଭିନ୍ନ ହୋଇଥାଏ ଓ ପ୍ରତିବର୍ଷ ମଧ୍ୟ ଅଦଳ ବଦଳ ହୋଇଥାଏ । ଅର୍ଥାତ୍ ଏକ ସମିତି ଅଞ୍ଚଳରେ ଏକ ସମୟରେ ଥିବା କେତେକ ଗ୍ରାମ ପଞ୍ଚାୟତର ସଭାପତି ପଞ୍ଚାୟତ ସମିତିର ସଦସ୍ୟ ହୋଇଥାନ୍ତି । ଏକ ସମିତି ଅଞ୍ଚଳରେ ଥିବା କେତେକ ପଞ୍ଚାୟତରେ ବିଧାନସଭା, ବିଧାନ ପରିଷଦ ଓ ସାଂସଦମାନଙ୍କୁ ମଧ୍ୟ ପଞ୍ଚାୟତ ସମିତିର ସଦସ୍ୟ ଭାବରେ ଗ୍ରହଣ କରାଯାଏ । ପଂଚାୟତ ସମିତିର ସଭାପତି ସାଧାରଣତଃ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିବା ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ଅର୍ଥାତ୍ ପଞ୍ଚାୟତ ସମିତିରେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିବା ସଦସ୍ୟମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତି ରୂପେ ନିର୍ବାଚିତ କରନ୍ତି ।

(iii) **ଜିଲ୍ଲା ପରିଷଦ :**

ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତର ଅଟେ । ଏହି ଅନୁଷ୍ଠାନରେ କିଛି ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ସଦସ୍ୟ ଥାଆନ୍ତି ଯେଉଁମାନଙ୍କ ସଂଖ୍ୟା ରାଜ୍ୟକୁ ରାଜ୍ୟ ଭିନ୍ନ ଭିନ୍ନ ଅଟେ, ଯେହେତୁ ଏହା ଜନସଂଖ୍ୟା ଉପରେ ଆଧାରିତ । ପଞ୍ଚାୟତ ସମିତିମାନଙ୍କର ସଭାପତିମାନେ ନିଜ ପଦବୀ ବଳରେ ଜିଲ୍ଲା ପରିଷଦର ସଦସ୍ୟ ଅଟନ୍ତି । ଜିଲ୍ଲାରେ ଥିବା ସାଂସଦ, ବିଧାନ ସଭା ଓ ବିଧାନ ପରିଷଦର ସଦସ୍ୟ ବୃନ୍ଦଙ୍କୁ ମଧ୍ୟ ଜିଲ୍ଲା ପରିଷଦର ସଦସ୍ୟ ଭାବରେ ମନୋନୀତ କରାଯାଏ ।

ଜିଲ୍ଲା ପରିଷଦର ସଭାପତିଙ୍କୁ ଅଧ୍ୟକ୍ଷ ବା ସଭାପତି ବୋଲି କୁହାଯାଏ ଓ ସେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିବା ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ସେହି ପ୍ରଣାଳୀରେ ଉପସଭାପତି ମଧ୍ୟ ନିର୍ବାଚିତ ହୁଅନ୍ତି ।